## ୫୩ ନଂ ଜାତୀୟ ରାଜପଥର କଚ୍ଛପ ଗତି

# ୧୭ ମାସ ହେଲା ସରୁନି ୧୮ ପ୍ରତିଶତ ସମ୍ପ୍ରସାରଣ କାର୍ଯ୍ୟ





ଯାଜପୁର/କବାଟବନ୍ଧ, ୪।୫(ସମିସ)

ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ନିର୍ମାଣ କାର୍ଯ୍ୟ ୮୨ ପ୍ରତିଶତ ଶେଷ ହୋଇଥିବା ନେଇ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏକ ମିଥ୍ୟା ରିପୋର୍ଟ ପ୍ରସ୍ତୁତ କରି କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବା ପରେ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ମଧ ଗତ ୩୦ ନଭେମ୍ବର ୨୦୨୪ରେ ସଂସଦରେ ଏହାକୁ ଉପସ୍ଥାପନ କରିଥିଲେ। ଯଦି ସେହି ତାରିଖରେ ୮୨ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିଲା। ଆଉ ମାତ୍ର ୧୮ ପ୍ରତିଶତ କାର୍ଯ୍ୟ ୧୭ ମାସ ହେଲା କାହିଁକି ସରୁ ନାହିଁ ବୋଲି ସାଧାରଣରେ ପ୍ରଶ୍ନ ହେଉଛି।

ଯାଜପୁର ଜିଲ୍ଲାର ଚଣ୍ଡିଖୋଲ- ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ବର୍ଷେ ନୁହେଁ କି ଦୁଇ ବର୍ଷ ନୁହେଁ; ୯ ବର୍ଷ ହେଲା ସରୁନି। କେବଳ ସମୀକ୍ଷା ବୈଠକ ଏବଂ ସମୟ ଅବଧି ବୃଦ୍ଧି କରି ଲୋକଙ୍କୁ ଭ୍ରମିତ କରାଯାଉଛି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ଯାଜପୁର ଜିଲ୍ଲା ପ୍ରଶାସନଙ୍କ ଠିକାଦାର ପ୍ରୀତି ପାଇଁ ଏହା ଆଶାନୁରୂପ ଭାବେ ଆଗେଇ ପାରୁ ନ ଥିବା ଅଭିଯୋଗ ହେଉଛି। ଗତ ୧୦ ବର୍ଷ ମଧ୍ୟରେ ଏହି ରାଜପଥ ଉପରେ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟି ଅନେକ ଛାତ୍ରଛାତ୍ରୀ, ଶ୍ରମିକ, ବ୍ୟବସାୟୀ, ଶିଶୁ, ମହିଳା ଆଦିଙ୍କ ମୃତ୍ୟୁ ହୋଇଛି। ଏହି ମୃତ୍ୟୁ ସଂଖ୍ୟା ପ୍ରାୟ ୨ ଶହରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ତେବେ ଏହି ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହିତ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣ କାର୍ଯ୍ୟ ଶେଷ କରିବା ଦାବିରେ ଗତ ୨୦୨୪ ଡିସେମ୍ବର ୯ ସ୍ଥାନୀୟ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏକ ଆନ୍ଦୋଳନ କରାଯାଇଥିଲା। ପ୍ରାୟ ୮ ଘଣ୍ଟା ରାସ୍ତା ଅବରୋଧ ପରେ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ଆନ୍ଦୋଳନ ସ୍ଥଳରେ ପହଞ୍ଚି ମାତ୍ର ଦୁଇ ମାସ ମଧ୍ୟରେ ଅର୍ଥାତ ଫେବୃଆରୀ ୨୦୨୫ ଏବଂ ଜୁନ ୨୦୨୫ ସୁଦ୍ଧା ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣ କାର୍ଯ୍ୟ ଶେଷ ହେବ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ଏହା ପରେ ଆନ୍ଦୋଳନ ଦିନ ଠାରୁ ୧୭ ମାସ ଏବଂ ନିର୍ମାଣ ଶେଷ ଧାର୍ଯ୍ୟ ତାରିଖ ଠାରୁ ପ୍ରାୟ ୧୫ ମାସ ବିତି ଯାଇଥିଲେ ମଧ ଆଶାନୁରୂପ କାର୍ଯ୍ୟ ଅଗ୍ରଗତି ହୋଇ ନାହିଁ। ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ କଥା ଅନୁସାରେ ନିୟୋଜିତ କଣ୍ଟ୍ରାକ୍ଟରଙ୍କୁ କଳା ତାଲିକାଭୁକ୍ତ ଏବଂ କଣ୍ଟ୍ରାକ୍ଟର ପରିବର୍ତ୍ତନ ପାଇଁ ମଧ ସୂଚନା ଦେଇଛନ୍ତି। ମାତ୍ର ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ କଣ୍ଟ୍ରାକ୍ଟର ପ୍ରୀତି ତାହା କରାଇ ଦେଉ ନାହିଁ।

ଜିଲ୍ଲାର ଲାଇଫ ଲାଇନ କୁହା ଯାଉଥିବା ଏହି ଜାତୀୟ ରାଜପଥର ଗୁରୁତ୍ୱ ଖୁବ ବେଶୀ। ଦୈତାରି- ପାରାଦ୍ୱୀପ ଏକ୍ସପ୍ରେସ ହାଇୱେ ନାମରେ ପରିଚିତ ଥିବା ଏହି ରାଜପଥ ରାଜ୍ୟ ତଥା ଦେଶ ପାଇଁ ଏହାର ଆର୍ଥିକ ଅବଦାନ ଅତୁଳନୀୟ। ଏବେ ବି ଅନେକ ସ୍ଥାନରେ ଧଳା ପାଉଁଶ ରେ ଅଞ୍ଚଳବାସୀ କଳବଳ ହେଉଛନ୍ତି। ଅଧିକାଂଶ ସ୍ଥାନରେ ଫ୍ଲାଏ ଓଭର ବ୍ରିଜ କାର୍ଯ୍ୟ ଆରମ୍ଭ ହେଉଥିବା ଦେଖିବାକୁ ମିଳିଛି। ଆରୁହା, ଓସରା, କନ୍ତପଡ଼ା, ବଙ୍ଗଳା, ଗୋଲାଗାଁ ଆଦି ଅନେକ ସ୍ଥାନରେ କାର୍ଯ୍ୟ ଅତି କଚ୍ଛପ ଗତିରେ ଚାଲୁଥିବା ଦେଖିବାକୁ ମିଳିଛି। ଆଉ ପ୍ରାୟ ୧ ମାସ ମଧ୍ୟରେ ମୌସୁମୀ ବାୟୁ ପହଞ୍ଚିବା ସହିତ ବର୍ଷା ଋତୁ ଆରମ୍ଭ ହୋଇଯିବ। ଏହା ପରେ କାମ ସାଧାରଣ ଭାବେ ପ୍ରଭାବିତ ହେବ। ତେଣୁ ଏହାର ସମ୍ପୂର୍ଣ ଏକ ପ୍ରକାର ଅନିଶ୍ଚିତତା ଦିଗକୁ ଅଗ୍ରସର ହେଉଛି। ଏହା ବ୍ୟତୀତ ରାସ୍ତା କାମକୁ ତ୍ୱରାନ୍ୱିତ କରିବା ପାଇଁ ଆଦୌ ଚେଷ୍ଟା କରୁ ନ ଥିବା ଜାତୀୟ ରାଜପଥ କର୍ତ୍ତୃପକ୍ଷ ଏହି ରାଜପଥରୁ ଟୋଲ ଶୁଳ୍କ ଏବଂ ଜରିମାନା ଆଦାୟ କରିବା ପାଇଁ ବ୍ୟବସ୍ଥା ଆରମ୍ଭ କରି ସାରିଲେଣି। ଚଣ୍ଡିଖୋଲ ଠାରୁ ଡୁବୁରୀ ପର୍ଯ୍ୟନ୍ତ ଏହି ୩୯.୪୦ କିଲୋମିଟର ରାସ୍ତାର ସୁଭଦ୍ରାପୁର, ଆରୁହା, କୁସୁନପୁର, ଗୋଲାଗାଁ ସମେତ ବିଭିନ୍ନ ସ୍ଥାନ ରେ ଟ୍ରାଫିକ ନିୟମ ଉଲଂଘନକାରୀଙ୍କ ଠାରୁ ଫାଇନ ଆଦାୟ କରିବା ପାଇଁ କ୍ୟାମେରା ଲାଗି ସାରିଛି। ସେହିପରି ରାଜପଥର କଳିଙ୍ଗନଗର ଥାନା ଅନ୍ତର୍ଗତ ବଙ୍ଗଳାଛକ ନିକଟରେ ଟୋଲ ଶୁଳ୍କ ଆଦାୟ ପାଇଁ ଟୋଲ ଗେଟ କାର୍ଯ୍ୟ ଚାଲୁ ରହିଛି। ତେବେ ଦୀର୍ଘ ବର୍ଷ ଧରି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟକୁ ଶେଷ କରି ପାରୁ ନ ଥିବା ଜାତୀୟ ରାଜପଥ କର୍ତ୍ତୃପକ୍ଷ ଲୋକଙ୍କ ନିକଟରୁ ଫାଇନ ଏବଂ ଟୋଲ ଶୁଳ୍କ ଆଦାୟ ପାଇଁ ଯେତିକି ବ୍ୟସ୍ତ ହୋଇ କାମ କରୁଛନ୍ତି ରାସ୍ତା କାର୍ଯ୍ୟ ଶେଷ କରିବାକୁ କାହିଁକି ବ୍ୟସ୍ତ ହେଉ ନାହାଁନ୍ତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ଏହା ପରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ ନିର୍ମାଣ କାର୍ଯ୍ୟ ନ କହିବା କଥା ନ କହିବା ଭଲ। ମାତ୍ର ୧୬ଟି ପିଲର ବିଶିଷ୍ଟ ଏହି ବ୍ରିଜ ନିର୍ମାଣ ପାଇଁ ଆହୁରି କେତେ ବର୍ଷ ଲାଗିବ ତାହା କଳ୍ପନା କରିବା ଅସମ୍ଭବ। ଦୀର୍ଘ ୪ ବର୍ଷ ପୂର୍ବେ ଆରମ୍ଭ ହୋଇଥିବା ଏହି ବ୍ରିଜ ର ଗୋଟାଏ ଖୁଣ୍ଟ ମଧ ଏ ପର୍ଯ୍ୟନ୍ତ ସରି ନାହିଁ। ଗତ ଡିସେମ୍ବର ୨୦୨୫ରେ ଏ ସଂକ୍ରାନ୍ତରେ ଯାଜପୁର ଜିଲ୍ଲାପାଳଙ୍କୁ ଯୋଗାଯୋଗ କରାଯାଇଥିଲା ଏବଂ ସେ ସମୟରେ ରିଭ୍ୟୁ ମିଟିଂ ପରେ ଏ ସମ୍ବନ୍ଧରେ ମତାମତ ଦେବା ପାଇଁ ପ୍ରକାଶ କରିଥିଲେ। ଏହା ପରେ ୪ ମାସ ମଧ ଅତିକ୍ରମ କରି ସାରିଛି ମାତ୍ର ସମ୍ପ୍ରସାରଣ କାର୍ଯ୍ୟ ସେମିତି କିଛି ଆଗେଇ ପାରି ନାହିଁ।

### ସେମାନେ ଯାହା କୁହନ୍ତି



କଥା ଦେଇ କଥା ରଖି ପାରୁନାହାଁନ୍ତି ସରକାର। ଚରମ ଅବହେଳା ପ୍ରଦର୍ଶନ କରୁଛନ୍ତି। ପ୍ରତିଶ୍ରୁତି ମୁତାବକ ମାର୍ଚ୍ଚ ୨୦୨୫ ସୁଦ୍ଧା ସମସ୍ତ ଫ୍ଲାଏ ଓଭର ସହିତ ସମ୍ପ୍ରସାରଣ କାମ ସରିବା କଥା କିନ୍ତୁ ତାହା ଅଦ୍ୟାବଧି ହୋଇ ପାରିନାହିଁ। ହଜାର ହଜାର ଯାନବାହନ ଏବଂ ଜନସାଧାରଣ ଯିବା ଆସିବା କରୁଛନ୍ତି। ମାତ୍ର ସରକାର ତାହା ଅନୁଭବ କରି ପାରୁ ନାହାଁନ୍ତି। ଏହାକୁ ମୁଁ ଦୃଢ଼ ଭାବରେ ନିନ୍ଦା କରୁଛି।

**-ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ, ପୂର୍ବତନ ମନ୍ତ୍ରୀ**



ଚଣ୍ଡିଖୋଲ - ଡୁବୁରୀ ଶିଳ୍ପ ରାଜଧାନୀ କଳିଙ୍ଗନଗରର ହୃତପିଣ୍ଡ। କାରଖାନା ର କ୍ଷମତା ଦୁଇଗୁଣା ହେବା ପରେ ପାରାଦ୍ୱୀପ ବନ୍ଦର କୁ ଯାନବାହାନ ବଢ଼ିଛି, ସମ୍ପ୍ରସାରଣ ରେ ବିଳମ୍ବ ଓ ଅସୁରକ୍ଷିତ ନିର୍ମାଣ ଶୈଳୀ ଦୁର୍ଘଟଣା ରେ ତାଣ୍ଡବ ରଚୁଛିଫ ଜିଲ୍ଲାପାଳଙ୍କୁ ଅନୁରୋଧ ଏଥିରେ ହସ୍ତକ୍ଷେପ କରନ୍ତୁ।

**-ସରୋଜ ବେହେରା, ଆବାହକ ସଚେତନ ନାଗରିକ ମଞ୍ଚ**

## ବଧୂହତ୍ୟା ଅଭିଯୋଗରେ ଶାଶୂ ଅଟକ

**ଧର୍ମଶାଳା, ୪।୫(ସମିସ):** ଧର୍ମଶାଳା ଥାନା ଗଙ୍ଗାଧରପୁର ପଞ୍ଚାୟତ ନୂଆଗାଁରେ ଯୌତୁକ ନିର୍ଯାତନା ସହି ନପରି ଜଣେ ମହିଳା ବେକରେ ଶାଡିବାନ୍ଧି ପଙ୍ଖାରେ ଓହଳି ଜୀବନ ହାରିଛନ୍ତି। ସୂଚନା ମୁତାବକ ନୁଆଗାଁ ଗ୍ରାମର ଗୀତାରାଣୀ (୩୦) ସେହି ଗ୍ରାମର ସରୋଜ ଚାନ୍ଦଙ୍କୁ ୯ ବର୍ଷ ପୁର୍ବେ ବିବାହ କରିଥିଲେ। ସରୋଜ ସୁଦୂର ସୁରଟରେ ରହି ସୂତାକଳରେ କାମ କରୁଥିବା ବେଳେ ବର୍ଷେ ହେବ ଘରକୁ ଆସି ନିଜେ ତନ୍ତ ଲଗାଇ ଲୁଗା ବୁଣିବା କାର୍ଯ୍ୟ କରୁଥିଲେ। ତନ୍ତ କାର୍ଯ୍ୟରେ ନୂତନ ଜ୍ଞାନ ଆହରଣ ପାଇଁ ସେ ଏକ ସପ୍ତାହ ହେବ ଆସାମକୁ ଯାଇଥିବା ବେଳେ ଗତକାଲି ରାତିରେ ଗୀତରାଣୀଙ୍କ ଶାଶୁ ଯୌତୁକ ଆଣିବା ନେଇ ବୋହୂ ସହିତ ଝଗଡ଼ା କରିଥିଲେ। ଫଳରେ ବିଳମ୍ବିତ ରାତିରେ ଗୀତାରାଣୀ ନିଜ ରୁମକୁ ଭିତରପଟୁ ଦେଇ ଫଂଖାରେ ଶାଡିବାନ୍ଧି ଓହଳିପଡ଼ିଥିଲେ। ବିଳମ୍ବିତ ରାତିରେ ଗୀତାରାଣୀର ଛୁଆ ଘର ଭିତରେ କାନ୍ଦିବାରୁ ପରିବାର ଲୋକେ ପଡୋଷୀଙ୍କ ସହାୟତାରେ ଘର କବାଟ ଭାଙ୍ଗି ପଙ୍ଖାରେ ଓହଳିପଡ଼ିଥିବା ଗୀତାରାଣୀକୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏସମ୍ପର୍କରେ ଗୀତାରାଣୀଙ୍କ ଭାଇ ସନ୍ତୋଷ ଦାସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ ବାପ ଘରୁ ଅଧିକ ଯୌତୁକ ଆଣିବା ପାଇଁ ଶାଶୁ ବାରମ୍ବାର ତାକୁ ନିର୍ଯ୍ୟାତନା ଦେଇ ଆସୁଥିବା ବେଳେ ଗତକାଲି ରାତିରେ ଏନେଇ ବୋହୁ ସହିତ ଶାଶୁ ସୁଲଗ୍ନା ଚାନ୍ଦ ଝଗଡ଼ା କରିଥିଲେ। ଯାହାକୁ ସହି ନପାରି ଗୀତାରାଣୀ ସ୍ୱାମୀଙ୍କ ଅନୁପସ୍ଥିତିରେ ବେକରେ ଶାଡି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏନେଇ ପୁଲିସ ୧୮୪/୨୬ରେ ଏକ ମାମଲା ରୁଜୁ କରି ମୃତଦେହ ଜବତ କରି ବ୍ୟବଛେଦ କରାଇ ପରିବାର ଜିମା ଦେଇଛି ଏବଂ ଶାସୁ ସୁଲଗ୍ନା ଚାନ୍ଦଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଇଛି।

## ଚମ୍ପାଦେବୀ-ଭୀମସେନ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ



**ବଡଚଣା, ୪।୫(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଶାନ୍ତିପୁର ପଞ୍ଚାୟତ ତଥା ଶାନ୍ତିପୁର ଗ୍ରାମ ସ୍ଥିତ ଚମ୍ପାଦେବୀ-ଭୀମସେନ ଚାରିଟେବୁଲ ଟ୍ରଷ୍ଟର ଦ୍ୱିତୀୟ ବାର୍ଷିକ ଉତ୍ସବ ଓ ଆଦର୍ଶ ମଣିଷ ଭୀମସେନ ସେଠୀଙ୍କର ଦ୍ୱିତୀୟ ବାର୍ଷିକ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଟ୍ରଷ୍ଟ ସଭାପତି ତଥା ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ମାନଗୋବିନ୍ଦ ସେଠୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅର୍ଥ ସେବା ଅଧିକାରୀ ହରପ୍ରିୟା ପାଣିଗ୍ରାହୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସାମ୍ବାଦିକ ଭକ୍ତଚରଣ ସାହୁ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧାପକ ସଲୀଳ ରାଜନନ୍ଦନ ମହାନ୍ତି, ଅଧାପକ ବିଜୟ କୁମାର ସାମଲ, ସମାଜସେବୀ ସମର କେତନ ଲେଙ୍କା, ଆଇନଜୀବୀ ଦେବରାଜ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା କାଞ୍ଚନବାଳା ଦାସ, ପ୍ରଧାନ ଶିକ୍ଷକ ବିଜୟ କୁମାର କବି, ସରପଞ୍ଚ ମୀନକେତନ ସେଠୀ ଓ ସମିତି ସଭ୍ୟ ରବୀନ୍ଦ୍ର ସେଠୀ, ଆଇନଜୀବୀ ବସନ୍ତ ସେଠୀ ଓ ପ୍ରିୟଗୋବିନ୍ଦ ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ଚଣ୍ଡିଖୋଲ କୋର୍ଟ ବାର୍ ଆସୋସିସନ ସମ୍ପାଦକ ପ୍ରକାଶ କୁମାର ଦାଶ ଓ ବଡ଼ଚଣା ସ୍ଥିତ ମଦର ଟେରେସା ସ୍କୁଲ ଆଣ୍ଡ କଲେଜ ଅଫ ନର୍ସିଂର ପ୍ରତିଷ୍ଠାତା ପୁରୁଷୋତ୍ତମ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶରତ ଚନ୍ଦ୍ର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଇନଜୀବୀ ଜ୍ୟୋତିଶଙ୍କର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ହାଇକୋର୍ଟଙ୍କ ଆଦେଶ ପାଳନ କରୁନାହାନ୍ତି ଜିଲ୍ଲା ଶିକ୍ଷା ଅଧିକାରୀ

**ପ୍ରୀତିପୁର, ୪।୫(ସମିସ):** ଆର୍‌ଏସିପି ପ୍ରାପ୍ୟ ପାଇଁ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା କିଛି ଅବସରପ୍ରାପ୍ତ କର୍ମଚାରୀଙ୍କ ସପକ୍ଷରେ କୋର୍ଟଙ୍କ ଆଦେଶ ସତ୍ତ୍ୱେ ଜିଲ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଏହାକୁ ଅଣଦେଖା କରିବା ଓ ଟାଳଟୁଳ ନୀତି ଅବଲମ୍ବନ କରିବା ଭଳି ଅଭିଯୋଗ ହୋଇଛି। ପ୍ରକାଶ ଯେ ଯାଜପୁରର ଜୟଦୁର୍ଗା ହାଇସ୍କୁଲର ଅବସରପ୍ରାପ୍ତ ପିଅନ ନକୁଳ ଚରଣ ସାହୁ ଆର୍‌ଏସିପି ପ୍ରାପ୍ୟ ପାଇଁ ଓଡ଼ିଶା ହାଇକୋର୍ଟରେ ଏକ ମୋକଦ୍ଦମା ଡବ୍ଲ୍ୟୁ ପି (ସି) ନଂ ୧୨୮୫/୨୦୨୫ ରୁଜୁ କରିଥିଲେ। ଏହି ମକଦ୍ଦମାର ଚୂଡାନ୍ତ ଶୁଣାଣୀ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କ ଦ୍ୱାରା ୧୯-୧-୨୦୨୬ ତାରିଖରେ ହୋଇଥିବା ବେଳେ ଦଶରଥପୁର ହାଇସ୍କୁଲ ଅବସରପ୍ରାପ୍ତ ପିଅନ ଭରତଚନ୍ଦ୍ର ଜେନା ହାଇକୋର୍ଟରେ ଦାଖଲ କରିଥିବା ମକଦ୍ଦମା ଡବ୍ଲ୍ୟୁ.ପି (ସି) ନଂ୧୪୨୬/୨୦୨୫ର ଶୁଣାଣି ମଧ ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ରଙ୍କ ଦ୍ୱାରା ୬-୨-୨୦୨୬ରେ ହୋଇଛି। ଉଭୟ ମକଦ୍ଦମାର ରାୟ ଆବେଦନକାରୀ ମାନଙ୍କ ସପକ୍ଷରେ ଯାଇଛି। ଆବେଦନକାରୀ ମାନେ ଜଜମେଣ୍ଟ କପି ସହିତ ସର୍ଭିସ ବୁକ୍ ଯାଜପୁର ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଜନୈକ କିରାଣିଙ୍କ ନିକଟରେ ଦାଖଲ କରିଥିଲେ। ସେହି କିରାଣି କାଗଜପତ୍ର ରଖିଥିଲେ ମଧ ପରବର୍ତ୍ତୀ ସମୟରେ ଏଗୁଡା ହୋଉ ପାରିବନି କହି ଫେରାଇ ଦେଇଥିଲେ। ଆବେଦନକାରୀ ମାନେ କହିଛନ୍ତି ଯେ ଏହି ଅଫିସଟିକୁ କିଛି ଅବସର ପ୍ରାପ୍ତ କିରାଣି ଚଳାଉଛନ୍ତି। କାର୍ଯ୍ୟରତ କିରାଣିମାନଙ୍କ ବୁଦ୍ଧିଦାତା ସର୍ବୋପରି ସେମାନଙ୍କର ଡ୍ରାଫ୍ଟ ପ୍ରସ୍ତୁତି ପଛରେ ଏହି ଅବସର ପ୍ରାପ୍ତ କିରାଣି ମାନଙ୍କର ଅବଦାନ ଥିବାରୁ କର୍ମଚାରୀମାନେ ଏହି ଅଫିସରୁ ନିରାଶ ହେଉଥିବା ଅଭିଯୋଗ ହୋଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଏହି ଦିଗ ପ୍ରତି ସମ୍ବେଦନଶୀଳ ହେବାକୁ ଦାବୀ ହୋଇଛି।

## ବିଜେପି ଜନଜାତି ମୋର୍ଚ୍ଚା ସଭାପତି ମନୋନୀତ

**ଯାଜପୁର, ୪।୫(ସମିସ):** ଭାରତୀୟ ଜନତା ପାର୍ଟିର ସାଂଗଠନିକ ଦକ୍ଷତାକୁ ସୁଦୃଢ଼ କରିବା ପାଇଁ ଯାଜପୁର ଜିଲ୍ଲାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରାଯାଇଛି। ରାଜ୍ୟ ବିଜେପି ପକ୍ଷରୁ ବରିଷ୍ଠ ସଂଗଠକ ସୁନାରାମ ମାରାଣ୍ଡିଙ୍କ ଉପରେ ଆସ୍ଥା ପ୍ରକଟ କରାଯାଇ ତାଙ୍କୁ ଯାଜପୁର ଜିଲ୍ଲା ବିଜେପି ଜନଜାତି ମୋର୍ଚ୍ଚା ସଭାପତି ଭାବେ ନିଯୁକ୍ତ କରାଯାଇଛି। ଏହି ଘୋଷଣା ପରେ ଜିଲ୍ଲା ରାଜନୀତି ବିଶେଷ କରି ଜନଜାତି ବହୁଳ ଅଞ୍ଚଳ ସୁକିନ୍ଦାରେ ଏକ ନୂତନ ଉତ୍ସାହ ଦେଖିବାକୁ ମିଳିଛି।

## ଚାରିନଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ କୃତିତ୍ୱ

**କୁନ୍ଦଳ, ୪।୫(ସମିସ):** ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନ ବହୁ ପୁରାତନ ଚାରିନଙ୍ଗଳ ଉଚ୍ଚ ବିଦ୍ୟାଳୟରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେଛାତ୍ରଛାତ୍ରୀ କୃତିତ୍ୱ ଅର୍ଜନ କରିଥିବା ଜଣାପଡ଼ିଛି। ମାଟ୍ରିକ ପରୀକ୍ଷାରେ ନଳୀପୁର ପଞ୍ଚାୟତର ସେକ୍ ମହମ୍ମଦ ଲୋକମାନ ଓ ନଜମା ବେଗମ୍‌ଙ୍କ ଝିଅ





ରୋଷନୀ ଫିରଦୋସ ୫୪୨ ନମ୍ବର ରଖି ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ବିଦ୍ୟାଳୟରେ ମୋଟ ୧୫୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୫୪ ଜଣ ବିଭିନ୍ନ ଗ୍ରେଡ୍‌ରେ କୃତକାର୍ଯ୍ୟ ହୋଇଥିବା ବେଳେ ଦୁଇ ଜଣ ପିଲା କମ୍ପାଟମେଣ୍ଟାଲ ରଖିଥିବା ଜଣାପଡ଼ିଛି। ତେବେ ବିଦ୍ୟାଳୟ ପ୍ରତିଷ୍ଠା ହେବା ଠାରୁ ପ୍ରଥମ କରି ଚଳିତ ବର୍ଷ ଏହି ବିଦ୍ୟାଳୟର ଚାରିନଙ୍ଗଳ ପଞ୍ଚାୟତ ଅମିର ମହଲା ଗ୍ରାମର ସେକ୍ ଅସାଦ ଅଲ୍ଲିଙ୍କ ପୁଅ ନବମ ଶ୍ରେଣୀର ଛାତ୍ର ସେକ୍ ଇରଫାନ ଅଲ୍ଲି ଏନ୍‌ଆରଟିଏସ ପରୀକ୍ଷାରେ କୃତ କାର୍ଯ୍ୟ ହୋଇଛନ୍ତି। ତେବେ ବିଦ୍ୟାଳୟର ଏହି ଦୁଇ ଛାତ୍ରଛାତ୍ରୀ ଗୌରବ ଆଣିଥିବାରୁ ଏଥିପାଇଁ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ କାନୁନଗୋ ଏବଂ ସମସ୍ତ ସହକାରୀ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଚାରିନଙ୍ଗଳ ପଞ୍ଚାୟତର ସରପଞ୍ଚ ନୁରଜାନ ବେଗମ୍, ସମିତି ସଭ୍ୟା ଚନ୍ଦ୍ରକଳା ଜେନା, ନଳୀପୁର ପଞ୍ଚାୟତର ସରପଞ୍ଚ ସେକ୍ ଅବଦୁଲ ଗନି, ସମିତି ସଭ୍ୟ ଧର୍ମଜିତ୍ ବଳଙ୍କ ସମେତ ଉଭୟ ପଞ୍ଚାୟତର ଅଭିଭାବକ/ଅଭିଭାବିକା ମାନେ କୃତଜ୍ଞତା ଜଣାଇବା ସହ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟ କାମନା କରିଛନ୍ତି।

## ଡୁବୁରୀରେ ଜଗନ୍ନାଥଙ୍କ ନୂତନ ମନ୍ଦିର ନିର୍ମାଣ



**ସୁକିନ୍ଦା, ୪।୫(ସମିସ):** ଡୁବୁରୀ ସ୍ଥିତ ଶ୍ରୀଶ୍ରୀ କପିଳେଶ୍ୱର ମନ୍ଦିର ପରିସରରେ ପୂର୍ବ ନିର୍ଧାରିତ ବିଧିବ୍ୟବସ୍ଥା ଅନୁସାରେ ଜଗନ୍ନାଥଙ୍କ ନୂତନ ମନ୍ଦିର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଓ ନୂତନ ବିଗ୍ରହଙ୍କ ପାଇଁ ଦାରୁଛେଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଡୁବୁରୀ, ବାରଗାଡିଆ, ନଡିଆଭଙ୍ଗା, ରଙ୍ଗାହୁଡି, ମଣ୍ଡପଡ଼ା, ଗୋବରଘାଟୀ, ଝୁମ୍ପାଣ, ସଂସାଇଲୋ ଓ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଛି। ପୁରୀ ଶ୍ରୀମନ୍ଦିରର ଛତିଶା ନିଯୋଗ ମୁକ୍ତି ମଣ୍ଡପର ବିଧାନ କମିଟି ସଭାପତି ବିଚିତ୍ରାନନ୍ଦ ମିଶ୍ର ମହାପ୍ରଭୁଙ୍କ ଆଜ୍ଞାମାଳ ଆଣି ଡୁବୁରୀରେ ପହଞ୍ଚିବା ପରେ ଯଥାବିଧି ପୂଜାର୍ଚ୍ଚନା କରିବା ପରେ ଭିତିପ୍ରସ୍ଥର ସ୍ଥାପନ, ଦାରୁ ପୂଜନ ଓ ଛେଦନ ପ୍ରକ୍ରୀୟାର ସଞ୍ଚାଳନ କରିଥିଲେ। ଯାଜପୁରର ଅଧୀଷ୍ଠାତ୍ରୀଦେବୀ ମା’ ବିରଜାଙ୍କ ନିକଟରୁ ଆଜ୍ଞାମାଳ ଘେନି ଆସିଥିବା ବିରଜା ମଣ୍ଡଳୀର ସୁବାଷ ଚନ୍ଦ୍ର ପାଣି ଓ ଜଗବନ୍ଧୁ ପଣ୍ଡା ମଧ ପୀଠ ନିକଟ ରେ ଉପସ୍ଥିତ ରହିଥିଲେ। ପୀଠାଧୀଶ୍ୱର କପିଳେଶ୍ୱରଙ୍କ ନିକଟରେ ରୁଦ୍ରାଭିଷେକ କରାଯାଇଥିଲା।

## ସୁକିନ୍ଦା ବ୍ଲକ ଟପ୍ପରଙ୍କୁ ମଣ୍ଡଳ ଶିକ୍ଷା ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା



**ସୁକିନ୍ଦା, ୪।୫(ସମିସ):** ଚଳିତ ମାଟ୍ରିକ ପରୀକ୍ଷାରେ ସୁକିନ୍ଦା ବ୍ଲକରୁ ଏ-୧ର କୃତିତ୍ୱ ହାସଲ କରିଥିବା ଦୁଇ ଛାତ୍ର ଶିବମ ନାୟକ ଓ ଇନ୍ଦ୍ରଜିତ ଦୋରାଙ୍କୁ ମଣ୍ଡଳ ଶିକ୍ଷା ବିଭାଗ ପକ୍ଷରୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ମଙ୍ଗଳପୁର ମହାମାୟୀ ଉଚ୍ଚ ବିଦ୍ୟାଳୟର ଛାତ୍ର ଶିବମ୍ ନାୟକ ୫୪୯ ନମ୍ବର ରଖିଥିବା ବେଳେ ପିଙ୍ଗଳ କ୍ଲଷ୍ଟର ଅନ୍ତର୍ଗତ ବୈରିମାଳ ଉଚ୍ଚ ବିଦ୍ୟାଳୟର ଛାତ୍ର ଇନ୍ଦ୍ରଜିତ ଦୋରା ୫୪୬ ରଖି ଏ-୧ କୃତିତ୍ୱ ଅର୍ଜନ କରିଛନ୍ତି। ଉଭୟ ଛାତ୍ରଙ୍କୁ ମଣ୍ଡଳ ଶିକ୍ଷାଧିକାରୀ ନାରାୟଣ ଦାସ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଗୋବର୍ଦ୍ଧନ ପ୍ରଧାନ, ପ୍ରେମାଞ୍ଜଳି ନାୟକ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୁଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ ବସନ୍ତ କୁମାର ବଳ, ଅଶୋକ କୁମାର ଦାସ ଓ ଦୁଇ କୃତି ଛାତ୍ରଙ୍କ ପିତା ମାତାଙ୍କୁ କାର୍ଯ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏହି କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ସମସ୍ତ ସଦସ୍ୟ ତଥା ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବୃନ୍ଦ ଉପସ୍ଥିତ ହୋଇ ସଫଳ କରିଥିଲେ। ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ର ଶିବମ୍ ନାୟକ ଭବିଷ୍ୟତରେ ଜଣେ ପ୍ରସାଶନିକ ଅଧିକାରୀ ହୋଇ ଲୋକମାନଙ୍କର ସେବା କରିବା ପାଇଁ ଆଶା ରଖିଥିବାବେଳେ ଇନ୍ଦ୍ରଜିତ ଦୋରା ଜଣେ ଉତ୍ତମ ଡାକ୍ତର ହୋଇ ମାନବ ସେବା ହିଁ ମାଧବ ସେବାର କର୍ତ୍ତବ୍ୟ ପାଳନ ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି।

## ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର

ଯାଜପୁର, ୪।୫(ସମିସ)



ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୧୯୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫୦ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୫ଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୪୧ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୫୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଉପଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ବ୍ରହ୍ମାନନ୍ଦ ବେହେରା, ତହସିଲଦାର, ଯାଜପୁର ରବି ନାରାୟଣ ପାଢ଼ୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ବିଂଝାରପୁର ବ୍ଲକର ଜଣେ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଏକ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା।

